## ଜିଲାପାଳଙ୍କ କାର୍ଯ୍ୟାଳୟକୁ ବ୍ୟାପିଲା କରୋନା

କଟକ ଅଫିସ, ୧୩।୮: କଟକ ଜିଲାପାଳଙ୍କ କାର୍ଯ୍ୟାଳୟକୁ କରୋନା ଭୂତାଣୁ ସଂକ୍ରମଣ ବ୍ୟାପିଛି। ଫଳରେ ସମସ୍ତ ସମସ୍ତ କର୍ମଚାରୀଙ୍କ ମଧ ଭୟ ଖେଳିଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ମହିଳାଙ୍କ କରୋନା ରିପୋର୍ଟ ପଜିଟିଭ ଆସିଛି। ସେ ତାଙ୍କ ପୁଅଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ତାଙ୍କୁ ଥଣ୍ଡା ହେବାରୁ ସେ ପରୀକ୍ଷା କରାଇଥିଲେ। ତାଙ୍କର ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ସଂକ୍ରମିତ ଚିହ୍ନଟ ହେବା ପରେ ବି ଜିଲାପାଳଙ୍କ କାର୍ଯ୍ୟାଳୟର ସାମାଜିକ ଦୂରତ୍ୱ ରହୁ ନ ଥିବା ଦେଖିବାକୁ ମିଳିଛି।

# ବୁଡ଼ାଇଲା ବର୍ଷା, ଜୀବନ ନେଲା ବଜ୍ରପାତ

## ବଡ଼ଦାଣ୍ଡ ଉବୁଟୁବୁ

ପୁରୀ ଅଫିସ, ୧୩।୮

ପୁରୀରେ ଗୁରୁବାର ଅପରାହ୍ନରେ ପ୍ରାୟ ଘଣ୍ଟାଏ ନିର୍ଘୁମ ବର୍ଷା ହୋଇଥିଲା। ଫଳରେ କିଛି ସମୟ ପାଇଁ ବଡ଼ଦାଣ୍ଡ ଏକପ୍ରକାର ବୁଡ଼ିଯାଇଥିଲା। ବର୍ଷା ଛାଡ଼ିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୩ଟାରେ ଆକାଶରେ ଘୋଟି ଆସିଥିଲା କଳା ବାଦଲ। ଚାହୁଁ ଚାହୁଁ ଅଜାଡ଼ି ହୋଇପଡ଼ିଥିଲା ପ୍ରବଳ ବର୍ଷା। ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବର୍ଷିଥିଲା। ସହରର ସବୁ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ବିଶେଷକରି ବଡଦାଣ୍ଡର ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଥିଲା। ବର୍ଷା ପାଣି ସହ ଡ୍ରେନ୍ ପାଣି ମିଶି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା। ସେହିପରି ସହରର ବିଭିନ୍ନ ଗଳିକନ୍ଦି ରାସ୍ତା ବି ବୁଡ଼ି ଯାଇଥିଲା। ବିଶେଷକରି ଘଣାମଲ୍ଲ ସାହିରେ ସ୍ଥିତି ସବୁଠୁ ସଙ୍ଗିନ ରହିଥିଲା। ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ପ୍ରବଳ ବେଗରେ ସୁଅ ପଡ଼ିଥିଲା। ପ୍ରାୟ ୩ ଫୁଟ ଉଚ୍ଚର ପାଣି ସୁଅ ଭୟ ସୃଷ୍ଟି କରିଥିଲା। ବର୍ଷା ଛାଡ଼ିବା ପରେ ଧୀରେ ଧୀରେ ପାଣି ନିଷ୍କାସନ ହୋଇଥିଲା।




## ୧୩ ମେଣ୍ଢା ମୃତ

**ବ୍ରହ୍ମଗିରି, (ଡି.ଏନ.ଏ):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରପଡା ଗ୍ରାମରେ ଗୁରୁବାର ବଜ୍ରପାତରେ ୧୩ ଜଣ ମେଣ୍ଢା ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ବ୍ରହ୍ମଗିରି ଅଞ୍ଚଳରେ ବର୍ଷା ସାଙ୍ଗକୁ ବିଜୁଳି ଓ ବଜ୍ରପାତ ହୋଇଥିଲା। ଏହି ସମୟରେ କାଣ୍ଡଗୋଦା ପଞ୍ଚାୟତ ଅନ୍ତର୍ଗତ ହରପଡା ଗ୍ରାମର ତ୍ରିନାଥ ବେହେରା ଗ୍ରାମ ନିକଟସ୍ଥ ବିଲରେ ମେଣ୍ଢା ଚରାଇବା ସମୟରେ ସେଠାରେ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କର ୧୩ ମେଣ୍ଢା ମୃତ୍ୟୁ କରିଥିଲା। ଏହାସହ ସେଠାରେ ଜଗିଥିବା ତ୍ରିନାଥ ବେହେରା(୪୫) ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଯୁବକ, ନାବାଳିକା ମୃତ

ଡେଲାଙ୍ଗ/ନିରାକାରପୁର, ୧୩।୮ (ଡି.ଏନ.ଏ)

ଡେଲାଙ୍ଗ ଥାନା ଅଞ୍ଚଳରେ ଗୁରୁବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଂହବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ସୁରଙ୍ଗପୁର ଗ୍ରାମର ଚକ୍ରଧର ପ୍ରଧାନ(୩୫)। ଏ ନେଇ ଥାନାରେ ନଂ. ୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁରୁବାର ଅପରାହ୍ନରେ ଚକ୍ରଧର ବିଲରୁ ଧାନ ତଳି ନେଇ ଯାଉଥିବାବେଳେ ବଜ୍ରପାତ ହେବାରୁ ତଳେ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକ ଚକ୍ରଧରଙ୍କୁ ଡେଲାଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀକୁ ପଠାଯାଇଛି। ସେହିଭଳି ଜଙ୍କିଆ ଥାନା ଅନ୍ତର୍ଗତ ଖଡ଼ିପଦର ଗ୍ରାମର ମୀରା ପରିଡ଼ା(୧୭)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ ଘର ବାରିପଟେ ଯାଉଥିବାବେଳେ ବଜ୍ରପାତରେ ଗୁରୁତର ହୋଇପଡ଼ିଥିଲେ। ପ୍ରଥମେ ତାଙ୍କୁ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## କୁମୁଦେଶ୍ୱର ମନ୍ଦିର ଦଧିନଉତି ଭାଙ୍ଗିଲା

କଣାସ, ୧୩।୮ (ସ୍ୱ.ପ୍ର.)

କଣାସ ଅଞ୍ଚଳରେ ଗୁରୁବାର ବଜ୍ରପାତ ସାଙ୍ଗକୁ ବର୍ଷା ଲାଗିରହିଥିଲା। ବଜ୍ରପାତରେ ମାଳିସାହି ଗ୍ରାମର ପ୍ରତିଷ୍ଠିତ କୁମୁଦେଶ୍ୱର ମନ୍ଦିରର ଦଧିନଉତି ଭାଙ୍ଗି ତଳେ ପଡିଥିବା ଦେଖିବାକୁ ମିଳିଛି। ଏହାସହ ଜଣେ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କୋଭିଡ କଟକଣା ଯୋଗୁ ଖୋର୍ଦ୍ଧା-ପୁରୀ ଜିଲାର ପ୍ରବେଶପଥ ନୂଆଜଗନ୍ନାଥ ସଡ଼କର ରାୟଗୁରପୁର ଗ୍ରାମରେ ଥିବା ଏକ ପୋଲିସ୍ କ୍ୟାମ୍ପରେ ପୋଲିସ୍ କର୍ମଚାରୀମାନେ ଡ୍ୟୁଟି କରୁଥିଲେ। ଏହି ସମୟରେ ଅଚାନକ ବଜ୍ରପାତ ସହ ବର୍ଷା ହେବାରେ ଲାଗିଥିଲା। ବଜ୍ରପାତରେ କ୍ୟାମ୍ପ ଭିତରେ ଥିବା ଏଏସ୍ଆଇ ପୂର୍ଣ୍ଣଚନ୍ଦ୍ର ବେହେରା ଆହତ ହୋଇଥିବାବେଳେ କ୍ୟାମ୍ପରେ ଥିବା ଅନ୍ୟ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ। ସେହିପରି ଗଡ଼ଖାରଦ ପଞ୍ଚାୟତର ମାଳିସାହି ଗ୍ରାମରେ ଥିବା ଅଞ୍ଚଳର ଆରାଧ୍ୟ ଠାକୁର କୁମୁଦେଶ୍ୱରଙ୍କ ମନ୍ଦିର ଦଧିନଉତି ବଜ୍ରପାତରେ ଭାଙ୍ଗି ତଳେ ପଡ଼ିଛି। ଏହାକୁ ନେଇ ଗ୍ରାମବାସୀ ଅଶୁଭ ମନେ କରିଛନ୍ତି।

## ସଂକ୍ଷେପରେ

### ଖୋର୍ଦ୍ଧା କ୍ଲବ ନିର୍ମାଣ କାର୍ଯ୍ୟରେ ଅନିୟମିତତା

#### ହାଇକୋର୍ଟରେ ମାମଲା

**ଖୋର୍ଦ୍ଧା ଅଫିସ, ୧୩।୮:** ଖୋର୍ଦ୍ଧା କ୍ଲବର କମ୍ୟୁନିଟି ହଲ ଏବଂ ଲାଇବ୍ରେରି କକ୍ଷ ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ଗୁରୁବାର ସାମାଜିକ କର୍ମୀ ଜିତେନ୍ଦ୍ର ସାହୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ଏହି ମାମଲାକୁ ଅଚ୍ୟୁତ ପଟ୍ଟନାୟକ ପରିଚାଳନା କରୁଛନ୍ତି। ଖୋର୍ଦ୍ଧା ବିଡିଓ ଓ ଦୁର୍ନୀତି ନିବାରଣ ଇନ୍ସପେକ୍ଟରଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ୨୦୧୯-୨୦ ବର୍ଷରେ ଖୋର୍ଦ୍ଧା କ୍ଲବର କମ୍ୟୁନିଟି ହଲ ଓ ଲାଇବ୍ରେରୀ କକ୍ଷ ନିର୍ମାଣ ପାଇଁ ମୋଟ୍ ୨୦ଲକ୍ଷ ଟଙ୍କାର କାର୍ଯ୍ୟ ଜଣେ ଠିକାଦାରଙ୍କୁ ଦିଆଯାଇଥିଲା। ବିନା ଟେଣ୍ଡର ଓ ନିର୍ମାଣ କାର୍ଯ୍ୟ ସରିନଥିବା ବେଳେ ବ୍ଲକ ପକ୍ଷରୁ ଆଗୁଆ ବିଲ୍ କରାଯାଇଥିବା ନେଇ ଜିତେନ୍ଦ୍ର ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ବିଡିଓ ପ୍ରଶାନ୍ତ ନାୟକ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

### ଡାକ୍ତରଙ୍କୁ ଗାଳି, ୨ ଗିରଫ

**ପୁରୀ ଅଫିସ, ୧୩।୮:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ କାଜୁଆଲିଟିରେ ପଶି ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁଇଜଣ ଯୁବକ ଗାଳିଗୁଲଜ କରିଛନ୍ତି। ଏଥିସହ ସିକ୍ୟୁରିଟି ଗାର୍ଡଙ୍କୁ ଧକ୍କା ମାରିଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ସାମାନ୍ୟ ଆଘାତ ପାଇ ଆସିଥିଲେ। ସେମାନେ ନିଶାଗ୍ରସ୍ତ ଥିଲେ। ଚିକିତ୍ସାକୁ ନେଇ ଖରାପ ଭାଷାରେ ଜଣେ ଡାକ୍ତରଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସମ୍ପୃକ୍ତ ଡାକ୍ତର ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି କୁଳମଣି ସେଠୀ କହିଛନ୍ତି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି।

### ଘରେ ପଶି ୩ ଲକ୍ଷ ଟଙ୍କା ଚୋରି

**ଖୋର୍ଦ୍ଧା ଅଫିସ, ୧୩।୮:** ଖୋର୍ଦ୍ଧା ଥାନା ଅନ୍ତର୍ଗତ ବରସାହି ଗ୍ରାମର ଅଭିଳାଷ ପାଇକରାୟଙ୍କ ଘରୁ କେହି ଦୁର୍ବୃତ୍ତ ଟ୍ରଙ୍କ ତାଡି ୩ ଲକ୍ଷ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଗୁରୁବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅଭିଳାଷଙ୍କ ପରିବାର ବୁଧବାର ରାତିରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଝରକା କବାଟ ତାଡ଼ି ଘରେ ପଶିଥିଲେ। ଏକ କୋଠରୀରେ ଥିବା ଟ୍ରଙ୍କକୁ ତାଡି ସେଥିରେ ଥିବା ଟଙ୍କା ଏବଂ ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ସକାଳୁ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

### ୭୨ ଘଣ୍ଟା ମସ୍ତପୁର ଗ୍ରାମ ଶଟ୍‌ଡାଉନ୍

**ଖୁଣ୍ଟୁଣୀ, ୧୩।୮ (ଡି.ଏନ.ଏ):** ଘଣ୍ଟିଖାଲଠାରେ ବୁଧବାର ୧୫୭ଜଣଙ୍କ ସ୍ୱାବ ପରୀକ୍ଷା କରାଯାଇଥିବାବେଳେ ଗୁରୁବାର ସେଥିରୁ ୧୮ଜଣଙ୍କ କରୋନା ପଜିଟିଭ ଆସିଥିବା ଜଣାପଡ଼ିଛି। ସେଥିରୁ ରାଧାକିଶୋରପୁର ପଞ୍ଚାୟତର ମସ୍ତପୁର ଗ୍ରାମରେ ରହୁଥିବା ୭ଜଣଙ୍କ ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ୭ଜଣ ମସ୍ତପୁର ଷ୍ଟେଶନରେ ରେଳ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଏମାନେ ସମସ୍ତେ ସ୍ଥାନୀୟ ବଜାର ଯାଉଥିବାରୁ ସୁରକ୍ଷା ଦୃଷ୍ଟି ନେଇ ଗ୍ରାମକୁ ୭୨ଘଣ୍ଟା ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ନିୟମ ଗୁରୁବାର ସନ୍ଧ୍ୟା ୬ଟାରୁ ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ।

## କଟକ ଷ୍ଟେଶନରେ ଶହେ ଫୁଟ ଉଚ୍ଚରେ ଉଡ଼ିଲା ତ୍ରିରଙ୍ଗା



କଟକ ଅଫିସ, ୧୩।୮

କଟକ ରେଳଷ୍ଟେଶନ ନିକଟରେ ଗୁରୁବାର ଶହେ ଫୁଟ ଉଚ୍ଚରେ ଜାତୀୟ ପତାକା ଉଡ଼ିଛି। ହାଇକୋର୍ଟ ପରେ ରେଳଷ୍ଟେଶନଠାରେ ପ୍ରଥମ ଥର ପାଇଁ ଏହି ଉଚ୍ଚତମ ପତାକା ଲଗାଯାଇଛି। ତ୍ରିରଙ୍ଗାର ଦୈର୍ଘ୍ୟ ୩୦ ବର୍ଗଫୁଟ ଓ ପ୍ରସ୍ଥ ୨୦ ବର୍ଗଫୁଟ। ପୂର୍ବତଟ ରେଳପଥ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ରେଳ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଜୁନିୟର ବିଜ୍ଞାନ କଲେଜର ସଫଳତା



କଟକ ଅଫିସ, ୧୩।୮

ଲିଙ୍କ୍‌ରୋଡସ୍ଥିତ ସରସ୍ୱତୀ ଜୁନିୟର ବିଜ୍ଞାନ ମହାବିଦ୍ୟାଳୟ ଚଳିତବର୍ଷ ଯୁକ୍ତଦୁଇ ପରୀକ୍ଷାରେ ଅଭୁତପୂର୍ବ ସଫଳତା ହାସଲ କରିଛି। ମହାବିଦ୍ୟାଳୟରେ ପାସ୍

**ପାସ୍ ହାର ୯୯%, ଶ୍ରେଷ୍ଠ ଶହେରେ ସ୍ୱସ୍ତିକ**

ହାର ୯୯% ରହିଛି। ୧୮୭ଜଣ ପରୀକ୍ଷା ଦେଇଥିବାବେଳେ ୧୮୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୩୭ ଜଣ ପ୍ରଥମଶ୍ରେଣୀ, ୪୩ ଜଣ ଦ୍ୱିତୀୟ, ୫ଜଣ ତୃତୀୟ ଶ୍ରେଣୀ ହାସଲ କରିଥିବାବେଳେ ୨ଜଣ ଫେଲ ହୋଇଛନ୍ତି। ସ୍ୱସ୍ତିକ ଗିରି ସର୍ବାଧିକ ୯୧ % ମାର୍କ ରଖିଛନ୍ତି। ସେ ରାଜ୍ୟରେ ଶ୍ରେଷ୍ଠ ଶହେ ମଧ୍ୟରେ ସ୍ଥାନ ପାଇ ପାରିଛନ୍ତି। ତାଙ୍କର ଏହି ସଫଳତା ନିମନ୍ତେ ସେ ମହାବିଦ୍ୟାଳୟର ଚେୟାରମ୍ୟାନ, ଅଧ୍ୟକ୍ଷ ଏବଂ ଅଧାପକଙ୍କୁ ଶ୍ରେୟ ଦେଇଛନ୍ତି।

## ସର୍ବସାଧାରଣରେ ଗଣେଶପୂଜା ବନ୍ଦ

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

- ଘରେ, ଅଫିସ୍ ପୂଜା କରିପାରିବେ ଲୋକେ
- ସହଯୋଗ ନିବେଦନ କଲା କମିଶନରେଟ ପୋଲିସ

କରୋନା ପାଇଁ ଫିକା ପଡୁଛି ପର୍ବପର୍ବାଣୀ। ସଂକ୍ରମଣ ଏଡ଼ାଇବାକୁ ପୂର୍ବରୁ ବିଭିନ୍ନ ଉତ୍ସବ ଉପରେ କଟକଣା ଲଗାଯାଇଥିବାବେଳେ ଆଗକୁ ହେବାକୁ ଥିବା ଗଣେଶ ପୂଜା ଉପରେ ମଧ୍ୟ ରୋକ୍ ଲଗାଇଛି କମିଶନରେଟ ପୋଲିସ। କଟକ ଓ ଭୁବନେଶ୍ୱରରେ ଏଥର ସର୍ବସାଧାରଣରେ ପାଳନ ହେବନି ଗଣେଶ ପୂଜା। ଏ ନେଇ ବିଭିନ୍ନ ପୂଜାମଣ୍ଡପକୁ କମିଶନରେଟ ପୋଲିସ କଡା ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ କମିଶନରେଟ ପୋଲିସ ଟୁଇଟ୍ କରି ଜଣାଇଛି ଯେ, କେବଳ ଭୁବନେଶ୍ୱର ନୁହେଁ, କୋଭିଡ୍ ମହାମାରୀ ପାଇଁ ପ୍ରସିଦ୍ଧ ମୁମ୍ବାଇ ଗଣେଶ ପୂଜା ମଧ୍ୟ ପାଳନ ହେବ ନାହିଁ। ତେଣୁ ଟ୍ୱିନ୍ ସିଟିର ସମସ୍ତ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ କୁହାଯାଇଛି ଯେ, ଲୋକେ ବଜାରରୁ ମୂର୍ତ୍ତି କିଣି ଘରେ ପୂଜା କରିପାରିବେ। ଏହାସହ ସହରରେ ଥିବା ଅଫିସରେ ମଧ୍ୟ ଗଣେଶ ପୂଜା କରିପାରିବେ। କିନ୍ତୁ ଏକାଧିକ ଲୋକଙ୍କୁ ଡାକିବାକୁ ମନା କରାଯାଇଛି। ଯେଉଁ ପୂଜା ମଣ୍ଡପ ବା ଯେଉଁମାନେ କଟକଣାକୁ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ରାଜଧାନୀର ବିଭିନ୍ନ ବଜାରରେ ମୂର୍ତ୍ତି କିମ୍ବା ପୂଜା ସାମଗ୍ରୀ କିଣାବେଳେ ଅନେକ ଭିଡ଼ ଦେଖିବାକୁ ମିଳେ। ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଗୋପ ପୋଲିସର ପୁଣି ରାତିଅଧରେ ଚଢ଼ାଉ

ଗୋପ, ୧୩।୮ (ଡି.ଏନ୍.ଏ.)

- ଦମ୍ପତିଙ୍କୁ ମାଡ଼, ଯୁବତୀଙ୍କୁ ଅସଦାଚରଣ
- ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଗୋପ ବ୍ଲକରେ ଗୋପ ପୋଲିସର ବର୍ବରତା ବଢ଼ିବାରେ ଲାଗିଛି। ରେଢୁଆ ଗାଁରେ ମହିଳାଙ୍କୁ ଅସଦାଚରଣ, ଲୋକଙ୍କୁ ମାଡ଼ ଅଭିଯୋଗକୁ ସପ୍ତାହେ ନ ପୂରୁଣୁ ପୁଣି ଗୋପ ପୋଲିସ ରାତିରେ ଚଢ଼ାଉ କରି ମାଡ଼ ଓ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ପରିବାର ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପିଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୧ତାରିଖ ରାତିରେ ପୋଲିସ ଏରବଙ୍ଗ କୋଠମୂଳ ସାହିର ଜଟାଧାରୀ ସ୍ୱାଇଁ (୭୦)ଙ୍କ ଘରକୁ ଆସିଥିଲେ। ତାଙ୍କ ସ୍ତ୍ରୀ କୁନିଲତା କବାଟ ଖୋଲିବା ମାତ୍ରେ ହଠାତ୍ ୮ ଜଣ ପୋଲିସ ଘରେ ପଶି ବିଭିନ୍ନ ଆସବାବପତ୍ର ଫିଙ୍ଗା ଫୋପଡ଼ା କରିଥିଲେ। ଏହାକୁ ବୃଦ୍ଧ ଦମ୍ପତି ବିରୋଧ କରିବାରେ ପୋଲିସ ମାଡ଼ ମାରିଥିଲେ। ପାଟି ଶୁଣି ଜଟାଧାରୀଙ୍କ ୨୨ ବର୍ଷୀୟା ନାତୁଣୀ ପହଞ୍ଚିବାରେ ୪/୫ ଜଣ ପୋଲିସ ତାଙ୍କୁ ପୋଲିସ ଗାଡ଼ି ନେବା ଲାଗି ଟଣାଓଟରା କରିଥିଲେ। ପରେ ଜଟାଧାରୀଙ୍କ ପୁଅ ବୋହୂ ଉଠି ଘରେ ପଶିବାକୁ ସର୍ଚ୍ଚ ୱାରେଣ୍ଟ ଥିବା ପୋଲିସଙ୍କୁ ପଚାରିଥିଲେ। ଘରେ ଫେରାର୍ ଅଭିଯୁକ୍ତ ରହିଛ ବୋଲି କହି ପୋଲିସ ଘଟଣାସ୍ଥଳରୁ ପଳାଇଥିଲେ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିବା ଅଭିଯୋଗପତ୍ରରୁ ଜଣାପଡିଛି। ଏ ନେଇ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁଙ୍କ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନ ଥିଲେ।

## ୩ୟ କିସ୍ତିରେ ସେବାୟତଙ୍କୁ ମିଳିବ ୧ କୋଟି ୧୧ଲକ୍ଷ

**ପୁରୀ ଅଫିସ, ୧୩।୮:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୨୦ରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ସେବାୟତଙ୍କ ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ପଡ଼ିଛି। ତେଣୁ ସେବାୟତଙ୍କ ଚଳଣି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଦିଆଯାଉଛି। ସ୍ୱାସ୍ଥ୍ୟବୀମା ସମ୍ପୃକ୍ତ ପ୍ରତ୍ୟେକ ସେବାୟତ ପରିବାରଙ୍କୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଦିଆଯାଇଛି। ଏବେ ପୁଣି ତୃତୀୟ କିସ୍ତିରେ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯିବ। ମୋଟ ୨୨୩୬ ସେବାୟତ ପରିବାରକୁ ୧କୋଟି ୧୧ଲକ୍ଷ ୮ ହଜାର ଟଙ୍କା ପ୍ରଦାନ କରାଯିବା ଲାଗି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅନୁମୋଦନ କରିଛନ୍ତି।

## ନିଜିଗଡ଼ ଟାପଙ୍ଗରେ ବୋମାମାଡ଼

ଖୋର୍ଦ୍ଧା ଅଫିସ, ୧୩।୮

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଳେଇପୁଟରେ ବୋମାମାଡ଼ ଘଟଣାକୁ ୨୪ଘଣ୍ଟା ନ ପୂରୁଣୁ ଗୁରୁବାର ନିଜିଗଡ଼ ଟାପଙ୍ଗ ଖେଳପଡ଼ିଆରେ ବୋମାମାଡ଼ ହୋଇଛି। ଏଥିରେ କେତେଜଣ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ଖଣି ଚୋରା ଚାଲାଣକୁ ବିରୋଧ ନେଇ ଏହି ବୋମାମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ସୂଚନା ମୁତାବକ, ଅପରାହ୍ନରେ କେତେଜଣ ଯୁବକ ପଡିଆରେ ଖେଳୁଥିଲେ। ଏହି ସମୟରେ ହଠାତ୍ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଅତର୍କିତଭାବେ ସିରିଜ୍ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ବୋମାମାଡ଼ରେ କେତେଜଣ ଯୁବକ ଆହତ ହୋଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ। ଏ ନେଇ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଓଟିଡିସିର ନୂଆ ଭିଡିଓ

ଭୁବନେଶ୍ୱର(ବ୍ୟୁରୋ), ୧୩।୮



କରୋନା ସଂକଟରେ ଫସିଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ କ୍ରିୟାଶୀଳ କରିବାକୁ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଦୀର୍ଘ ୬ ମାସ ଧରି ପର୍ଯ୍ୟଟନ ଶିଳ୍ପ ବିପୁଳ କ୍ଷତି ସହିଥିବାବେଳେ ଆଗାମୀ ଦିନରେ ସୁଦୃଢ଼ କରିବାକୁ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ରାଜ୍ୟ ବାହାରୁର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନ ବିଭାଗ ଅଧୀନ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଏକ ନୂଆ ବିଜ୍ଞାପନ ଭିଡ଼ିଓ ଗୁରୁବାର ଜାରି କରାଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ଏସବୁ ପର୍ଯ୍ୟଟନସ୍ଥଳୀରେ ଥିବା ସୁବିଧାସୁଯୋଗ ଜାଣିପାରିବେ ପର୍ଯ୍ୟଟକ। ଓଟିଡିସି ପାନ୍ଥ ନିବାସରେ ରହିବା ଲାଗି ରୁମ୍ ବୁକିଂ, ଓଡ଼ିଶା ଭ୍ରମଣ ପାଇଁ ରହିଥିବା ଆକର୍ଷଣୀୟ ଟୁର୍ ପ୍ୟାକେଜ୍, ହନିମୁନ୍ ପ୍ୟାକେଜ୍, ବିବାହ ପାଇଁ ଓଟିଡିସିର ନୂଆ ଡେଷ୍ଟିନେଶନ ୱେଡିଂ ପ୍ୟାକେଜ, ଏୟାର ଟିକେଟିଂ ଓ ହସ୍ପିଟାଲିଟିକୁ ସାମିଲ କରାଯାଇଛି। ଏହି ନୂଆ ବିଜ୍ଞାପନ ମାଧ୍ୟମରେ ମାନ୍ଦାହୋଇ ପଡ଼ିଥିବା ବ୍ୟବସାୟକୁ ପୁଣିଥରେ ସକ୍ରିୟ କରିବାକୁ ଓଟିଡିସି ଲକ୍ଷ୍ୟ ରଖିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

BANDHAN FINANCE
(Regd No - 1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅକ୍ସକେଟେଜ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଡିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

**୨ ୱାର୍ଡ କଣ୍ଟେନମେଣ୍ଟ ଜୋନ୍**

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ପୌରାଞ୍ଚଳରେ ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉପଜିଲାପାଳ ଅଶୋକ କୁମାର ବେହୁରିଆ ୧୪ ଓ ୨୦ନଂ. ୱାର୍ଡକୁ ୨୬ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରିଛନ୍ତି। ଗୁରୁବାର ସନ୍ଧ୍ୟା ୭ଟାରୁ ୧୪ ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ପ୍ରଶାସନ ପକ୍ଷରୁ ସମସ୍ତ ଅତ୍ୟାବଶ୍ୟକ ସେବା ଯୋଗାଇଦିଆଯିବ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି।

## ସଂକ୍ଷେପରେ

### କରିମପୁର ଘରଭଙ୍ଗା ଘଟଣା ୧୬ ମହିଳାଙ୍କ ସମେତ ୨୧ ଗିରଫ

ବ୍ରହ୍ମଗିରି,୧୩।୮(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ କରିମପୁର ଗ୍ରାମରେ ୫ଜଣ ଭୂମିହୀନ ପରିବାରଙ୍କ ଘରପୋଡ଼ି ଘଟଣାରେ ପୋଲିସ ଗୁରୁବାର ୨୧ ଜଣଙ୍କୁ ଗିରଫ କରିଛି। ସେଥିରେ ୧୬ଜଣ ମହିଳା ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ଜୁଲାଇ ୫ ତାରିଖରେ କରିମପୁର ଗ୍ରାମରେ ଏକ ସରକାରୀ ଜାଗାକୁ ନେଇ ଗ୍ରାମବାସୀ ସେହି ଗ୍ରାମର ୫ଜଣ ଭୂମିହୀନ ପରିବାରଙ୍କ ଘରଦ୍ୱାର ଭାଙ୍ଗି ତାଙ୍କୁ ବାସହରା କରିଥିବା ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ନଂ. ୧୦୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ରାତିରେ ଉକ୍ତ ଗ୍ରାମରେ ଚଢ଼ାଉ କରି ୧୬ଜଣ ମହିଳାଙ୍କ ଓ ୫ଜଣ ପୁରୁଷଙ୍କୁ ଧରିଥିଲା। ଏ ନେଇ ଗୁରୁବାର ସେମାନଙ୍କୁ କୋଭିଡ ପରୀକ୍ଷା କରାଯାଇ ୧୯ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଅନ୍ୟ୨ ଜଣଙ୍କ କୋଭିଡ୍ ପଜିଟିଭ ବାହାରିବାରୁ ସେମାନଙ୍କୁ ମୋଟସ୍ଥିତ କୋଭିଡ୍ କେୟାରକୁ ପଠାଯାଇଥିବା ବ୍ରହ୍ମଗିରି ଥାନାଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ପୁରୀ ଅଫିସ,୧୩।୮: କୁମ୍ଭାରପଡ଼ା ଥାନା ଅଧୀନ ଦାଣ୍ଡିମାଳ ସାହିର ଜଣେ ମହିଳାଙ୍କୁ ଆକ୍ରମଣ ସହ ଅସଦାଚରଣ କରାଯାଇଛି। ଏ ନେଇ ସମ୍ପୃକ୍ତା ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସମ୍ପୃକ୍ତ ମହିଳା କହିଛନ୍ତି। ତେବେ ପୋଲିସ ଏହାକୁ ଖଣ୍ଡନ କରିଛି। ଅଭିଯୋଗ ମୁତାବକ, ସମ୍ପୃକ୍ତା ମହିଳାଙ୍କ ଘର ପ୍ଲେଟ କାମ ରାଜୁ ନାମକ ଜଣେ ମିସ୍ତ୍ରି ହାଜିରାରେ ନେଇଥିଲେ। ମାତ୍ର ଗୋଟିଏ ଦିନ କାମ ବାକି ରହିଥିଲା। କିନ୍ତୁ ରାଜୁ ଦିନ ଗଡ଼ାଇଥିଲେ। ଏ ନେଇ ତାଙ୍କୁ ଫୋନ କରିବାରୁ ସମ୍ପୃକ୍ତା ମହିଳାଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ ବଡ଼ଦାଣ୍ଡସ୍ଥିତ ଏକ ଲଜ୍ ପାଖକୁ ରାଜୁ ଡାକିଥିଲେ। ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବାବେଳେ ରାଜୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳିମନ୍ଦ କରିଥିଲେ। ଏପରି କି ତାଙ୍କ ଶାଢ଼ିକୁ ଟଣାଘୋଷରା କରିବା ସହିତ ୫୦୦ ଟଙ୍କା ଏବଂ ବେକରୁ ଚେନ୍ ଛିଣ୍ଡାଇ ନେଇଥିଲେ। ହାତକୁ ମୋଡ଼ିଦେବା ସହ ଓଠକୁ ମୁଥ ମାରିବାରୁ ଫାଟି ରକ୍ତସ୍ରାବ ହୋଇଥିଲା। ଥାନାରେ ଜଣାଇଲେ ମାରିଦେବେ ବୋଲି ଧମକ ଦେଇଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ମହିଳା ଜଣଙ୍କ କହିଛନ୍ତି। ତେବେ ଏ ସମ୍ପର୍କରେ ଆଇଆଇସି କୁଳମଣି ସେଠୀଙ୍କୁ ପଚାରିବାରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କହିଛନ୍ତି।

### ବସ୍ତି ଅଞ୍ଚଳରେ ସହାୟତା ଯୋଗାଇବାକୁ ଦାବି

**କଟକ ଅଫିସ, ୧୩।୮:** ମାଲଗୋଦାମ ଅଞ୍ଚଳର କେତୋଟି ସାହିକୁ ସିଏମସ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଫଳରେ ବେହେରା ସାହି, ଛତ୍ରବଜାର ଜାଲୁଆ ସାହି ଓ ତେଲୁଗୁ ବସ୍ତିର ଲୋକେ ରୋଜଗାର ହରାଇ ଘରେ ବସିରହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇଦେବାକୁ ଦାବି କରାଯାଉଛି। ମାତ୍ର ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉନାହିଁ। ଏଭଳି ଅଭିଯୋଗ ଆଣି ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଗୁରୁବାର ସିଏମ୍‌ସି ବିଜୁଭବନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା। ସଙ୍ଗଠନ ଆବାହକ ଖଗେଶ୍ୱର ସେଠୀ, ବସ୍ତିନେତା ଦୀପକ ଦାସ, ସ୍ୱାଧିନୀ ବେହେରା ପ୍ରମୁଖ ଧାରଣାରେ ବସିଥିଲେ। ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି ଧାରଣାକୁ ସମର୍ଥନ ଜଣାଇ ସେଠାରେ ଉପସ୍ଥିତ ଥିଲେ।

### କଣ୍ଟେନମେଣ୍ଟ କଟକଣା ଲଗାଇଲେ ସରପଞ୍ଚ

ପୁରୀ ଅଫିସ,୧୩।୮: ପୁରୀ ସଦର ବ୍ଲକ ବୀରହରେକୃଷ୍ଣପୁର ପଞ୍ଚାୟତ ଅଧୀନ ବାଟଗାଁ ବାରିକ ସାହିରୁ ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ଏହାର ଆଖପାଖ ଗ୍ରାମ ଓ ଉକ୍ତ ସାହିର ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରପଞ୍ଚ ରମାକାନ୍ତ ପଣ୍ଡା ବାରିକ ସାହିକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗୁରୁବାରଠାରୁ ୪୮ଘଣ୍ଟା ପର୍ଯ୍ୟନ୍ତ ଏହି କଟକଣା ଲଗାଯାଇଛି।

# ପୁରୀରୁ ୭୭, ଖୋର୍ଦ୍ଧାରୁ ୧୦୨ ପଜିଟିଭ୍

**ପୁରୀ ଅଫିସ/ ଖୋର୍ଦ୍ଧା ଅଫିସ,୧୩।୮**

ପୁରୀ ଜିଲାରେ ଗୁରୁବାର ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ ସଂଖ୍ୟା ୧,୪୭୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୮୭୦ ଜଣ ସୁସ୍ଥ ହୋଇଥିବା ବେଳେ ୫୯୪ଜଣ ଚିକିତ୍ସାଧୀନ ଅଛନ୍ତି। ଏପର୍ଯ୍ୟନ୍ତ କରୋନାରେ ୫ ଜଣଙ୍କୁ ମୃତ୍ୟୁ ଘଟିଛି। ଗୁରୁବାର ଚିହ୍ନଟ ୮୦ ଜଣଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟିରୁ ୩୦ ଓ ବିଭିନ୍ନ ବ୍ଲକରୁ ୪୭ଜଣ ରହିଛନ୍ତି। ମ୍ୟୁନିସିପାଲିଟିର ୩୧ ନଂ. ୱାର୍ଡରୁ ସର୍ବାଧିକ ୬ ଜଣ ଚିହ୍ନଟ ହୋଇଛନ୍ତି। ୨୧,୨୨,୨୩ ଓ ୨୪ ନଂ. ୱାର୍ଡରୁ ୩ ଜଣ ଲେଖାଏ, ୫ ଓ ୧୯ ନଂ. ୱାର୍ଡରୁ ୨ ଜଣ ଲେଖାଏ, ୮, ୯, ୧୦,୧୪, ୨୦, ୨୫, ୨୮ ଓ ୨୯ନଂ. ୱର୍ଡରୁ ଜଣେ ଲେଖାଏ ଆକ୍ରାନ୍ତ ବାହାରିଛନ୍ତି। ଏମାନଙ୍କ ମଧ୍ୟରୁ ୧୪ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୧୬ ଜଣ ସ୍ଥାନୀୟ ସଂକ୍ରମିତ। ସେହିପରି ପୁରୀ ସଦର ବ୍ଲକରୁ ୧୩, ସତ୍ୟବାଦୀ ୧୧, ଗୋପ ୯, କଣାସ ଓ ପିପିଲିରୁ ୩ ଜଣ ଲେଖାଏ, ନିମାପଡ଼ା, କାକଟପୁର ଓ ବ୍ରହ୍ମଗିରି ୨ ଜଣ ଲେଖାଏ, ଅସ୍ତରଙ୍ଗ ଓ ଡେଲାଙ୍ଗରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨୧ ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୨୫ ଜଣ ସ୍ଥାନୀୟ ସଂକ୍ରମିତ ଓ ଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୩୩,୪୬୬ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ବେଳେ ୧,୪୭୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସୁସ୍ଥ ହାର ରହିଛି ୫୯.୧ ପ୍ରତିଶତ। ବର୍ତ୍ତମାନ ସୁଦ୍ଧା ଜିଲାରେ ୬୭ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଥିବା ବେଳେ ୧୧୧ଟିକୁ ବନ୍ଦ କରାଯାଇଛି। ବ୍ରହ୍ମଗିରି ବ୍ଲକରେ ସର୍ବାଧିକ ୧୪ଟି କଣ୍ଟେନମେଣ୍ଟ ଜୋନ ବଳବତ୍ତର ରହିଛି।

ସେହିପରି ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍ ଦେଇ)ରେ ଗୁରୁବାର ୧୦୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏ ନେଇ ଜିଲାପାଳ ସନତ୍ କୁମାର ମହାନ୍ତି ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି। ଏମାନଙ୍କ ମଧ୍ୟରେ ବାଣପୁର ୭, ବାଲୁଗାଁ ୨୮, ଟାଙ୍ଗୀ ୧୫, ଖୋର୍ଦ୍ଧା ବ୍ଲକ ୭, ବେଗୁନିଆ ୫, ବୋଲଗଡ଼ ୧୧, ଜଟଣୀ ୪, ମେଣ୍ଢାଶାଳ ୫, ବାଲକାଟୀ ୯, ବାଲିପାଟଣା ୧, ଜିଲା ମୁଖ୍ୟ ଚିକିତ୍ସାଳୟର ୧୦ଜଣ ରହିଛନ୍ତି। ଶନିବାର ସାପ୍ତାହିକ ଶଟ୍‌ଡାଉନ ସତ୍ତ୍ୱେ ସ୍ୱାଧୀନତା ଦିବସ ପାଳନ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବାହ୍ନ ୧୧ଟା ପରେ କଟକଣା ଲାଗୁ ହେବ। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଚେତନତା ଏବଂ ସତର୍କତା ହେଉଛି ଏହାର ପ୍ରତିଷେଧକ। ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ପାଇଁ ଅନୁରୋଧ ସତ୍ତ୍ୱେ କେତେଜଣ ଅମାନିଆ ମାନୁନାହାନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବ୍ୟବସାୟୀ, ଶିକ୍ଷକ, ସରକାରୀ କର୍ମଚାରୀ, ଜନସାଧାରଣ ସମସ୍ତଙ୍କୁ ସ୍ୱାବ୍ ଟେଷ୍ଟ ଲାଗି ଅନୁରୋଧ କରାଯାଇଛି। ଭୟଭୀତ ନ ହୋଇ ଟେଷ୍ଟିଂ ପାଇଁ ଆଗେଇ ଆସିବାକୁ ଜିଲାପାଳ ମହାନ୍ତି ପରାମର୍ଶ ଦେଇଛନ୍ତି।

## କଟକ: ୧୧୬ ଆକ୍ରାନ୍ତ, ୭୧ ସୁସ୍ଥ

**କଟକ ଅଫିସ, ୧୩।୮**

କଟକ ଜିଲାରେ ଗୁରୁବାର ୧୧୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସହରାଞ୍ଚଳରେ ସର୍ବାଧିକ ୧୦୮ଜଣ ରହିଛନ୍ତି। ସେହପରି ୭୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୪୮୩ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ତେଲେଙ୍ଗା ବଜାର ଓ ମାଲଗୋଦାମ ଜାଲୁଆ ସାହିରେ ୯ଜଣ ଲେଖାଏ ଥିବାବେଳେ ହରିପୁରରୁ ୮, ଚାଉଳିଆଗଞ୍ଜରୁ ୫, କାଜିପାଟଣାରୁ ୩, ବାଉରୀସାହି, ବକ୍ସିବଜାର, ଦେୱାନ ବଜାର, ଖପୁରିଆସ୍ଥିତ ସରକାରୀ ପ୍ରେସରୁ ୨ଜଣ ଲେଖାଏ ରହିଛନ୍ତି। ମଙ୍ଗଳବାଗ ନିମସାହି ଅଞ୍ଚଳରୁ ୨ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଗ୍ରାମାଞ୍ଚଳରେ ବଡମ୍ବାରୁ ୪, ତିଗିରିଆରୁ ୨, ବାଙ୍କୀ ଏବଂ ଆଠଗଡରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ କରାଯାଉଛି।

## ଆର୍‌ପିଆଇ ପକ୍ଷରୁ ଜିଲାପାଳ ଅଫିସ ଘେରାଉ

**ଖୋର୍ଦ୍ଧା ଅଫିସ,୧୩।୮**

ନିର୍ଯାତିତ ଦଳିତ ପରିବାରଙ୍କୁ ନ୍ୟାୟ ଓ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ(ଆରପିଆଇ) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବେଗୁନିଆ ଥାନା ଅଞ୍ଚଳର ଜଣେ ଯୁବତୀ ଦଳିତ ଯୁବକଙ୍କୁ ପ୍ରେମବିବାହ କରିଥିଲେ। ପରେ ଉକ୍ତ ଗ୍ରାମର କେତେଜଣ ସବର୍ଣ୍ଣ ବ୍ୟକ୍ତି ସମ୍ପୃକ୍ତ ଯୁବକଙ୍କ ଚାରି ଭାଇଙ୍କ ବିରୋଧରେ ଅଭିଯୋଗ କରିବା ସହ ହଇରାଣ କରୁଛନ୍ତି। ସେହିପରି ୩ ଜଣ ଦଳିତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲା। ଏନେଇ ଗତ ୩ ତାରିଖରେ ବେଗୁନିଆ ପୋଲିସ ବିରୋଧରେ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସମ୍ପୃକ୍ତ ନିର୍ଯାତିତ ଦଳିତ ପରିବାରଙ୍କୁ ନ୍ୟାୟ ପ୍ରଦାନ, କର୍ତ୍ତବ୍ୟରେ ଅବହେଳା ଏବଂ ଦୁର୍ବ୍ୟବହାର କରୁଥିବା ବେଗୁନିଆ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଷ୍ଟ୍ରୀୟ ଦଳିତ ମହାସଭାର ଅଶୋକ କୁମାର ମଲ୍ଲିକ, ରାଜ୍ୟ ମହିଳା ଶାଖାର ଅଧ୍ୟକ୍ଷା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ମତାମତ ମିଳିପାରିନାହିଁ।



ପୁରୀ ବାଲିସାହି ଆଖଡ଼ା ଘରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ କଳାମଣି ନାରାୟଣ ମହାରଣାଙ୍କୁ ଅତିଥି ଏବଂ ଶିଳ୍ପୀମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଭୁବନେଶ୍ୱର: ୨୩୭ ସଂକ୍ରମିତ, ୧୦୧ ସୁସ୍ଥ

**ଭୁବନେଶ୍ୱର,୧୩।୮(ବ୍ୟୁରୋ)**

ଭୁବନେଶ୍ୱରରୁ ଗୁରୁବାର ୨୩୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଖୋର୍ଦ୍ଧା ଜିଲାରୁ ସବୁଠାରୁ ଅଧିକ ୨୭୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ କେବଳ ବିଏମ୍‌ସି ଅଞ୍ଚଳରୁ ୨୩୭ଜଣ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ସଂଖ୍ୟା ୪୫୯୫କୁ ବୃଦ୍ଧି ହୋଇଛି। ଗରୁବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୧୩୨ଜଣ ସଙ୍ଗରୋଧର ହୋଇଥିବାବେଳେ ୧୦୫ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି।

## ଅଙ୍ଗଦାନ ନେଇ ବ୍ୟାପକ ପ୍ରଚାର ଜରୁରୀ

**କଟକ ଅଫିସ, ୧୩।୮**

**ଏସ୍‌ସିବିରେ ସଚେତନତା ୱେବିନାର**

ଅଙ୍ଗଦାନ ଦିବସ ଉପଲକ୍ଷେ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଅଙ୍ଗଦାତାଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଏସ୍‌ସିବିରେ ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା. ଚିତ୍ତରଞ୍ଜନ କର ଏବଂ ୟୁରୋଲୋଜି ବିଭାଗ ମୁଖ୍ୟ ଡା. ଦଣ୍ଡେଶ୍ୱର ହୋତାଙ୍କ ପୌରହିତ୍ୟରେ ସଚେତନତା ୱେବିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ବିଭାଗର ଡାକ୍ତର, ଛାତ୍ରୀଛାତ୍ର, ସେବିକା ଏବଂ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ସଚେତନତାକୁ ବ୍ୟାପକ କରାଗଲେ ଅଧିକ ସଂଖ୍ୟକ ପରିବାର ଅଙ୍ଗଦାନ ପରି ମହାନ୍ ଅଭିଯାନରେ ସାମିଲ ହୋଇପାରିବେ ବୋଲି ୱେବିନାରରେ ଗୁରୁତ୍ୱ ଦିଆଯାଇଥିଲା। ଏସ୍‌ସିବିରେ ମଧ୍ୟ ଅଙ୍ଗଦାନ ପାଇଁ କମିଟି ଗଠନ ସହ ସମସ୍ତ ବ୍ୟବସ୍ଥା ହୋଇସାରିଛି। ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ କରିବାକୁ ପ୍ରସ୍ତୁତ ଥିବା ପରିବାର ସାମିଲ ହେଲେ ଏସ୍‌ସିବିରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ସହ ଆଉ ଏକ ଇତିହାସ ଯୋଡ଼ି ହେବ। ଗତ ଫେବୃୟାରୀରେ ରାଜ୍ୟରେ ପ୍ରଥମ କାଡାଭରିକ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଆରମ୍ଭ ହୋଇଥିଲା। ପରେ ଆଉ ଦୁଇଜଣଙ୍କ କିଡ୍‌ନୀ ମଧ୍ୟ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। କିନ୍ତୁ ଏବେ ରାଜ୍ୟରେ ଭିତ୍ତିଭୂମି ଅଭାବରୁ କାଡାଭରିକ ଲଙ୍ଗ୍ସ, ହାର୍ଟ, ଲିଭର ଆଦି ଟ୍ରାନ୍ସପ୍ଲାଣ୍ଟ ହୋଇପାରୁନାହିଁ। ସେହିପରି କରୋନା ଯୋଗୁ କାଡାଭରିକ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ମଧ୍ୟ ପ୍ରଭାବିତ ହୋଇଛି ବୋଲି ୱେବିନାରରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞମାନେ ମତ ରଖିଥିଲେ।

## କାନପୁର ଏସ୍‌କେପ୍ ଗେଟ୍ ଧସିଲା

**ନରାଜ,୧୩।୮ (ଡି.ଏନ୍.ଏ.)**

କଟକ ଜିଲା ବାରଙ୍ଗ ଦେଇ ପ୍ରବାହିତ ପୁରୀ ମୁଖ୍ୟ କେନାଲର କାନପୁରସ୍ଥିତ ସାଇଫନରୁ କୁଆଖାଇ ନଦୀକୁ ସଂଯୋଗ କରିଥିବା ଏସ୍କେପର ୧ ନମ୍ବର ଗେଟ୍ ଗୁରୁବାର ସକାଳେ ପାଣିର ପ୍ରବଳ ଚାପରେ ଧସିଯାଇଛି। ଫଳରେ ଗେଟ୍‌ର ତଳଭାଗ ଭାଙ୍ଗିଯାଇଛି। ଏଥିଯୋଗୁ ତଳମୁଣ୍ଡରେ ଅଧିକ ପାଣି ପ୍ରବାହିତ ହେଉଛି। ଲୋକେ ତଳମୁଣ୍ଡରେ ଗାଧୋଉଥିବା ବେଳେ ହଠାତ୍ ଅଧିକ ପାଣି ଦେଖି ଭୟଭୀତ ହୋଇଯାଇଥିଲେ। ଖବରପାଇ ମୁଣ୍ଡଳୀ ଜଳ ସମ୍ପଦ ବିଭାଗୀୟ ଅଧିକାରୀ ପ୍ରତାପ ମଲ୍ଲ, ଏସ୍‌ଡିଓ ଅନନ୍ତ ଗୋପାଳ ପଟ୍ଟନାୟକ ଓ ମେକାନିକାଲ ବିଭାଗ ଅଧିକାରୀ ସେଠାରେ ପହଞ୍ଚି ମରାମତି କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ କେନାଲରେ ଜଳସ୍ତର ଅଧିକ ଥିବାରୁ ମରାମତି ହୋଇପାରି ନ ଥିଲା। ମେକାନିକାଲ ବିଭାଗ ପକ୍ଷରୁ ଏକ ଡମିଗେଟ୍ ନିର୍ମାଣ କରାଯାଇ ଶୁକ୍ରବାର ଲଗାଯିବ ବୋଲି ମଲ୍ଲ କହିଛନ୍ତି। ଏନେଇ ପୁରୀ ମେନ କେନାଲ ବନ୍ଧର କ୍ଷମତା ଅନୁସାରେ ପାଣିକୁ ଧୀରେ ଧୀରେ ମୁଣ୍ଡୁଳିଠାରେ ବନ୍ଦ କରାଯାଉଛି। କେନାଲରେ ପାଣି ଶୁଖିବା ପରେ ଗେଟ ମରାମତି କରାଯିବ ବୋଲି ମଲ୍ଲ ସୂଚନା ଦେଇଛନ୍ତି। ଦୀର୍ଘ ୬୦ ବର୍ଷ ତଳେ ନିର୍ମିତ ହୋଇଥିବା ଏହି ଗେଟଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହୋଇପଡ଼ିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



## ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଦାୟିତ୍ୱ ନେଲେ ଭାଗ୍ୟଲିପି

**ଭୁବନେଶ୍ୱର(ବ୍ୟୁରୋ),୧୩।୮**

ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ନୂଆ ଅଧୀକ୍ଷକ ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଡ. ଭାଗ୍ୟଲିପି ମଲ୍ଲ। ପୂର୍ବତନ ଅଧୀକ୍ଷକ ଡ. ଜୟନ୍ତୀ ରଥଙ୍କ କାର୍ଯ୍ୟକାଳ ସରିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଡେପୁଟି ସେକ୍ରେଟାରୀ ବିପିନବିହାରୀ ପାତ୍ର ଏହି ଭାର ସମ୍ଭାଳିଥିଲେ। ରାଜ୍ୟ ସଂଗ୍ରହାଳୟ କ୍ୟୁରେଟର ଥିବା ଡ. ମଲ୍ଲ ପଦୋନ୍ନତିପାଇ ଏହି ପଦବୀରେ ଅବସ୍ଥାପିତ ହୋଇଛନ୍ତି। ସଂଗ୍ରହାଳୟ ଅଧୀକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ତାଙ୍କୁ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## ଜାତୀୟ ସଙ୍ଗୀତ ଗାଇଲେ, ସଚେତନ କଲେ

**ପୁରୁଣା ଭୁବନେଶ୍ୱର,୧୩।୮(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ନିକଟ ନିଉ ମାର୍କେଟ କମ୍ପ୍ଲେକ୍ସଠାରେ ଗୁରୁବାର କୋଭିଡ୍-୧୯କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଁକାର ନାଥ ମିଶନ, ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରୁ ସଦସ୍ୟମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହା ପରେ ସଦସ୍ୟମାନେ ବ୍ୟବସାୟୀ ଓ ପଥଚାରୀଙ୍କୁ କୋଭିଡ୍ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଓଁକାରନାଥ ମିଶନ ଓଡ଼ିଶା ଶାଖାର ସଭାପତି ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ସମ୍ପାଦକ ପରେଶ ନାୟକ, ଅରୁଣ କୁମାର ଗାଙ୍ଗୁଲି, ପ୍ରଶାନ୍ତ ପରିଡ଼ା, ରବୀନ୍ଦ୍ର ମହାନ୍ତି, ଛନ୍ଦା ଚାଟାର୍ଜୀ, ସ୍ନିଗ୍ଧା ମିଶ୍ର, ସୁବାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ନେତାଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

ନିଶ୍ଚିନ୍ତକୋଇଲି ୧୩।୮(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କେଣ୍ଡୁଆଳ ପଞ୍ଚାୟତର ପୂର୍ବତନ ବିଜେଡି ଜିଲା ପରିଷଦ ସଭ୍ୟ ପ୍ରକାଶଚନ୍ଦ୍ର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କେଣ୍ଡୁଆଳ ଗ୍ରାମର ପ୍ରଫୁଲ୍ଲ ବେହେରା ଓ କୈଳାସ ଚନ୍ଦ୍ର ଦାସ। ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଅତିରିକ୍ତ ଗ୍ରାମାଞ୍ଚଳ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା ସୂଚନା ଦେଇଛନ୍ତି।

### କନ୍ଦଳନଦୀରେ ଘଡ଼ିଆଳ କୁମ୍ଭୀର

କଣ୍ଟାପଡ଼ା,୧୩।୮(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ କନ୍ଦଳ ନଦୀରେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ଏକ ଘଡ଼ିଆଳ କୁମ୍ଭୀର ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ମୁତାବକ, ବାଳିଆଯୋଡି କୂଳ ନିକଟରେ କେତେଜଣ ପିଲା ବୁଲୁଥିବା ବେଳେ ନଦୀରେ ହଠାତ୍ କୁମ୍ଭୀର ଦେଖି ପାଟି କରିବା ସହ ଭିଡିଓ ଉତ୍ତୋଳନ କରିଥିଲେ। ପରେ କୁମ୍ଭୀରଟି ନଦୀ ଭିତରକୁ ପଳାଇଥିଲା। ମାତ୍ର କୁମ୍ଭୀରକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

## କାର୍ଯ୍ୟାନୁଷ୍ଠାନ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

**ଗୋପ,୧୩।୮(ଡି.ଏନ୍.ଏ.)**

**୨୭ଜଣଙ୍କୁ ପୋଲିସ ଉଠାଇନେବା ଘଟଣା**

ଗୋପ ପୋଲିସ ବିନା ଦୋଷରେ ରେଉଁଆ ଗାଁରେ ରାତିଅଧିଆ ପଶି ମହିଳାଙ୍କୁ ଅସଦାଚରଣ କରିବା ସହ ମିଥ୍ୟା ମାମଲାରେ ୨୭ଜଣଙ୍କୁ ଗିରଫ କରିବା ଘଟଣାରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଯଦି ଏକ ସପ୍ତାହ ମଧ୍ୟରେ ଗୋପ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ କଂଗ୍ରେସ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସହ ଡିଜିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗୁରୁବାର ରେଉଁଆ ଗାଁକୁ ଆସିଥିବା କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ସୂଚନାଯୋଗ୍ୟ,ଗତ ୧୦ ତାରିଖ ଦିନ ଗୋପ ପୋଲିସ ରେଉଁଆ ଗ୍ରାମକୁ ଏକ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଧରି ଆଣୁଥିବାବେଳେ ଗ୍ରାମବାସୀ ୫ ଘଣ୍ଟା ଅଟକ ରଖିଥିଲେ। ଏହି ଘଟଣାକୁ ନେଇ ସୋମବାର ପୋଲିସ ଗ୍ରାମର ୧୯ ମହିଳାଙ୍କ ସମେତ ୨୭ଜଣଙ୍କୁ ଗିରଫ କରି ଏକାଧିକ ମାମଲା ଲଗାଇ ହାଜତକୁ ପଠାଇଥିଲା। ଏହି ଘଟଣା ନେଇ ୭ ଦିନ ଧରି ବିଭିନ୍ନ ରାଜନୈତିକ ଦଳର ନେତା ଆସି ଘଟଣା ବିଷୟରେ ପଚାରି ବୁଝି କାର୍ଯ୍ୟାନୁଷ୍ଠାନ ଦାବି କରୁଥିବାବେଳେ ଗୁରୁବାର କଂଗ୍ରେସ ବିଧାୟକ ତାରାପ୍ରସାଦଙ୍କ ସମେତ ୫ଜଣିଆ ପ୍ରତିନିଧି ଦଳ ଏହି ଗ୍ରାମକୁ ଆସି ଲୋକଙ୍କଠାରୁ ଘଟଣା ବୁଝିଛନ୍ତି। ଏହି ଗସ୍ତରେ କଂଗ୍ରେସ ଦଳର ପ୍ରବକ୍ତା ନିଶିକାନ୍ତ ମିଶ୍ର, ପ୍ରତିମା ମଲ୍ଲିକ, ବିଶ୍ୱଭୂଷଣ ଦାସ, ସୁବାସ ନାୟକ, ଅମିୟ ପଟ୍ଟନାୟକ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୬ ଜଣ ପାଇବେ କରୋନା ଯୋଦ୍ଧା ସମ୍ମାନ

**କଟକ ଅଫିସ,୧୩।୮**

ସ୍ୱାଧୀନତା ଦିବସ ପାଇଁ କଟକ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏଥର ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପତାକା ଉତ୍ତୋଳନ କରିବେ। ଗୁରୁବାର ବାରବାଟୀ ଷ୍ଟାଡିୟମରେ ପରେଡ ଅଭ୍ୟାସ କରାଯାଇଥିଲା। ଚଳିତବର୍ଷ କୋଭିଡ୍ ମୁକାବିଲାରେ ଭାଗୀଦାରି ଥିବା ୧୬ଜଣଙ୍କୁ କରୋନା ଯୋଦ୍ଧା ସମ୍ମାନ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ପ୍ଲାଜ୍‌ମା ଦାନ କରିଥିବା ପୋଲିସ କର୍ମଚାରୀ ରହିଛନ୍ତି।

କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ କେବଳ ଜିଲା ପୋଲିସ, ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ଗହଣରେ କାର୍ଯ୍ୟକ୍ରମ ହେବ। ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଷ୍ଟାଡିୟମ ପ୍ରବେଶ ପଥରେ ପୋଲିସ ଜଗିବା ବେଳେ ଗ୍ୟାଲେରି ପ୍ରବେଶ ପଥକୁ ବନ୍ଦ କରି ଦିଆଯିବ। ୨ପ୍ଲାଟୁନ ଫୋର୍ସ ପରେଡରେ ଯୋଗଦେବେ। ପରେଡରେ ସାମିଲ ହେବାକୁ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ କୋଭିଡ ଟେଷ୍ଟ ସରିଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି) କର୍ମଚାରୀ, ଜିଲା ପ୍ରଶାସନର କର୍ମଚାରୀ, ମେଡିକାଲ କର୍ମଚାରୀ, ପୋଲିସ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀଙ୍କୁ ମିଶାଇ ମୋଟ ୧୬ଜଣ ଚଳିତବର୍ଷ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ ହେବେ। ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଏବଂ ସେବା, ସାହସିକତା କ୍ଷେତ୍ରରେ କେତେଜଣଙ୍କୁ ସମ୍ମାନିତ କରାଯାଏ। ମାତ୍ର ଚଳିତବର୍ଷ ଏହି ସମ୍ମାନ ଦିଆଯିବା ନେଇ କୌଣସି ସ୍ଥିର ହୋଇନାହିଁ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସ୍ୱାଧୀନତା ଦିବସରେ ଦିନ ୧୧ଟା ପର୍ଯ୍ୟନ୍ତ ଲକଡାଉନ କୋହଳ କରାଯାଇଛି। ସହରର ସମସ୍ତ ଟ୍ରାଫିକ ଛକରେ ପୋଲିସ କଡ଼ାକଡ଼ି ଭାବେ ଯାଞ୍ଚ କରିବ। ବିଭିନ୍ନ କ୍ଲବ, ଅନୁଷ୍ଠାନ, ସଙ୍ଗଠନରେ ପତାକା ଉତ୍ତୋଳନ ସମୟରେ ଯେପରି ଭିଡ଼ ନ ହେବ ସେଥିପ୍ରତି ବିଶେଷ ନଜର ଦିଆଯିବ ବୋଲି ବୋଲି ଡିସିପି କହିଛନ୍ତି।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି**



ବାରବାଟୀ ଷ୍ଟାଡିୟମରେ ପରେଡ ଅଭ୍ୟାସ ଚାଲିଛି।

